Home Guards

# ଜିଲ୍ଲା ଗୃହରକ୍ଷୀ କାର୍ଯ୍ୟାଳୟ ଭଦ୍ରକ ।

## ଗୃହରକ୍ଷୀ ଚୟନ ପାଇଁ ବିଜ୍ଞାପନ ଭଦ୍ରକ ଜିଲ୍ଲା ଗୃହରକ୍ଷୀ ସଂଗଠନ

**ବିଜ୍ଞାପନ ସଂଖ୍ୟା- ୧୨୮ / ଗୃହରକ୍ଷୀ**

ତା- ୪ / ୧୦ / ୨୦୨୪

ଭଦ୍ରକ ଜିଲ୍ଲା ପୋଲିସର ଖାଲିଥିବା ଗୃହରକ୍ଷୀ ପଦବୀ ପୂରଣ ନିମନ୍ତେ ଓ ମଞ୍ଜୁରୀପ୍ରାପ୍ତ ପଦବୀ ସଂଖ୍ୟା ବୃଦ୍ଧି ସମ୍ପର୍କରେ ଗୃହ ବିଭାଗର ଚିଠି ସଂଖ୍ୟା ୨୪୨/ତାରିଖ ୦୪.୦୨.୨୦୨୪ ଏବଂ ମାନ୍ୟବର ମହାସମାଦେଷ୍ଟା ଗୃହରକ୍ଷୀ ଅଫିସ ଆଦେଶ ନମ୍ବର ୧୪୨୯/ଗୃହରକ୍ଷୀ ତା. ୧୭.୦୪.୨୦୨୪ ରିଖ ଏବଂ ଚିଠି ନଂ.୩୭୯୩/ଗୃହରକ୍ଷୀ ତା. ୧୦.୦୯.୨୦୨୪ ରିଖ କ୍ରମେ ଖାଲିଥିବା ୪୭ ପଦବୀରୁ ୧୩୯ ପଦବୀକୁ ବୃଦ୍ଧି କରାଯାଇଛି । ଭଦ୍ରକ ଜିଲ୍ଲାର ଗୃହରକ୍ଷୀଙ୍କ ପାଇଁ ୯୨ (୩୮ ସାମୁଦ୍ରିକ ଗୃହରକ୍ଷୀ) ପଦବୀ ବୃଦ୍ଧି କରାଯାଇଛି । ଏହାକୁ ଦୃଷ୍ଟିରେ ରଖି ବର୍ତ୍ତମାନ ସମସ୍ତ ୧୩୯ ଗୃହରକ୍ଷୀ (ପୂର୍ବରୁ ଖାଲିଥିବା ୪୭ ପଦବୀ + ନୂତନ ୯୨ (୩୮ ସାମୁଦ୍ରିକ ଗୃହରକ୍ଷୀ)) ପଦବୀ ଭଦ୍ରକ ଜିଲ୍ଲାରେ ପଞ୍ଜୀକୃତ ହେବେ । ଏହି କାର୍ଯ୍ୟାଳୟର ପୂର୍ବ ବିଜ୍ଞାପନ ସଂଖ୍ୟା ୩୬/ଗୃହରକ୍ଷୀ ତାରିଖ <u>୨୨.୦୨.୨୦୨୪</u> ଅନୁଯାୟୀ ଭଦ୍ରକ ଜିଲ୍ଲା ପୋଲିସ ରେ ନିମ୍ନଲିଖିତ ଗୃହରକ୍ଷୀ ପଦବୀ ପୂରଣ ପାଇଁ ଓଡ଼ିଶା ଗୃହରକ୍ଷୀ ନିୟମ ୧୯୬୨ ର ନିର୍ଦ୍ଧାରିତ ଫର୍ମ (ଫର୍ମ-କ) ରେ ଇଚ୍ଛୁକ ଯୋଗ୍ୟ ପ୍ରାର୍ଥୀଙ୍କ ଠାରୁ ପୁନର୍ବାର ଆବେଦନ ଆହ୍ୱାନ କରାଯାଉଛି । ଚୟନ ପ୍ରକ୍ରିୟା ଓଡ଼ିଶା ଗୃହରକ୍ଷୀ ଆଇନ ୧୯୬୧, ଓଡ଼ିଶା ଗୃହରକ୍ଷୀ ନିୟମ ୧୯୬୨ ଏବଂ ଗୃହରକ୍ଷୀ ସାର୍କୁଲାର ଆଦେଶ ନମ୍ବର ୦୧/୨୦୨୪ ଦ୍ୱାରା ନିୟନ୍ତ୍ରିତ ହେବ । ବିଜ୍ଞାପନ ସଂଖ୍ୟା ୩୬/ଗୃହରକ୍ଷୀ, ତା. ୨୨.୦୨.୨୪ ରିଖ ଅନୁସାରେ ଗୃହରକ୍ଷୀ ପଞ୍ଜିକରଣ ନିମନ୍ତେ ପୂର୍ବରୁ ଆବେଦନ କରିଥିବା ଯୋଗ୍ୟ ଆବେଦନ କାରୀମାନଙ୍କୁ ପୁନର୍ବାର ଆବେଦନ କରିବାକୁ ପଡ଼ିବ ନାହିଁ । ପୂର୍ବରୁ ଆବେଦନ କରିଥିବା ଓ ନୂତନ ଭାବେ ଆବେଦନ କରୁଥିବା ପ୍ରାର୍ଥୀ ଉଭୟ ସମୁଦାୟ ଖାଲିଥିବା ପଦବୀ ରେ ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ହେବେ ।

| Sl. No. | ଖାଲିଥିବା ଗୃହରକ୍ଷୀ ପଦବି ସଂଖ୍ୟା (Vacancy No. post) | ଯୋଗ୍ୟତା (Eligibility) | ବୟସ ସୀମା (Age limit) | ଶିକ୍ଷାଗତ ଯୋଗ୍ୟତା (Educational qualification) |
|---|---|---|---|---|
| ୧ | ୧୧୩ : (ପୁରୁଷ)<br>୨୬ : (ମହିଳା) | • ଆବେଦନକାରୀ ଭଦ୍ରକ ଜିଲ୍ଲାର ଯେକୌଣସି ଅଞ୍ଚଳର ବାସିନ୍ଦା ହୋଇଥିବା ଆବଶ୍ୟକ ।<br>• ଆବେଦନକାରୀ ଓଡ଼ିଆ ଭାଷାରେ କହିବା , ଲେଖିବା ଓ ପଢ଼ିବା ଜାଣିଥିବା ଆବଶ୍ୟକ ।<br>• ଆବେଦନକାରୀ କୌଣସି ଫୌଜଦାରୀ ମୋକଦ୍ଦମା ରେ ସଂପୃକ୍ତ କିମ୍ବା ଦଣ୍ଡିତ ହୋଇନଥିବେ ।<br>• ଆବେଦନକାରୀ ସୁସ୍ଥ ,ସବଳ ହୋଇଥିବେ ଓ ଶାରୀରିକ ବିକଳାଙ୍ଗ ହୋଇନଥିବେ । | ଆବେଦନକାରୀଙ୍କ ର ବୟସ ତା ୦୧ /୦୧ /୨୦୨୪ ରିଖ ସୁଦ୍ଧା ୨୦ ବର୍ଷରୁ କମ୍ ଏବଂ ୬୦ ବର୍ଷରୁ ଅଧିକ ହୋଇନଥିବା ଆବଶ୍ୟକ । | ଆବେଦନ କାରୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ଏଲ୍ . ପି . ଷ୍ଟାଣ୍ଡାର୍ଡ୍ ( ନିମ୍ନ ପ୍ରାଥମିକ ପଞ୍ଚମ ଶ୍ରେଣୀ ) ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ । |

ବି.ଦ୍ର :- ଖାଲିଥିବା ପଦବୀ ସଂଖ୍ୟା ଯେକୌଣସି ସମୟରେ ଆୟୋଗ (Enrollment Board)ଙ୍କ ଦ୍ୱାରା ପରିବର୍ତ୍ତନ କରାଯାଇପାରେ ।

Scanned with OKEN Scanner

- ଆବେଦନକାରୀ ନିର୍ଦ୍ଧାରିତ ଫର୍ମ "କ"(Form "A") ପୂରଣ କରି ସିଧାସଳଖ ଭାବେ ଜିଲ୍ଲା ଗୃହରକ୍ଷୀ କାର୍ଯ୍ୟାଳୟ (ରିଜର୍ଭ ପୋଲିସ୍ ଲାଇନ- ୭୫୬୧୦୧), ଭଦ୍ରକ ଠାରେ ତା ୦୭ / ୧୦ / ୨୦୨୫ ରିଖ ରୁ ତା ୨୨ / ୧୧ / ୨୦୨୫ ରିଖ (ସମୟ ଦିବା ୧୦ ଘଟିକା ରୁ ଅପରାହ୍ନ ୫ ଘଟିକା) ମଧ୍ୟରେ ଦାଖଲ କରିବା ଆବଶ୍ୟକ । ନିର୍ଦ୍ଧାରିତ ତାରିଖ ପରେ ପହଞ୍ଚିଥିବା ଦରଖାସ୍ତ ଓ ଅସଂପୂର୍ଣ୍ଣ ଦରଖାସ୍ତ କୁ ବିଚାରକୁ ନିଆଯିବ ନାହିଁ ।ଡାକ ଯୋଗେ ପହଞ୍ଚିଥିବା ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ।
- ଆବେଦନକାରୀ ପ୍ରାର୍ଥୀ ଓ ପ୍ରାର୍ଥୀନୀ ମାନଙ୍କୁ ଜଣାଇ ଦିଆଯାଉଅଛି ଯେ ସେମାନେ ସାଧାରଣ ଗୃହରକ୍ଷୀ କିମ୍ବା ସାମୁଦ୍ରିକ ଗୃହରକ୍ଷୀ କିମ୍ବା ସତନ୍ତ କୌଶଳ ଯଥା –House keeping/Driving / Computer / Electrician /Cook /Laundry /Barber/Plumber/AC Mechanic / Carpenter/Gardner/ମଧ୍ୟରୁ କୌଣସି ଗୋଟିଏ ପଦବୀ ପାଇଁ ଆବେଦନ କରିପାରିବେ ।
- ପ୍ରାର୍ଥୀ ଓ ପ୍ରାର୍ଥୀନୀ ମାନଙ୍କୁ ଜଣାଇ ଦିଆଯାଉଅଛି ଯେ ଯୋଗ୍ୟ ବିବେଚିତ ପ୍ରାର୍ଥୀ ଓ ପ୍ରାର୍ଥୀନୀ ମାନଙ୍କୁ ପ୍ରାୟତଃ ସେମାନଙ୍କ ଥାନାମାନଙ୍କରେ ଖାଲିଥିବା ପଦବିକୁ ଦୃଷ୍ଟିରେ ରଖି ନିଯୁକ୍ତି ଦିଆଯିବ । କିନ୍ତୁ ଦରକାର ପଡ଼ିଲେ ସମାଦେଷ୍ଟା ଙ୍କ ଆଦେଶ କ୍ରମେ ସେମାନଙ୍କୁ ପଡୋଶୀ ଥାନା କିମ୍ବା ଜିଲ୍ଲା ମୁଖ୍ୟାଳୟରେ କାର୍ଯ୍ୟ କରିବା ପାଇଁ ମଧ୍ୟ ଦିଆଯିବ ।
- ଯେଉଁ ଆବେଦନକାରୀ ଉକ୍ତ ଗୃହରକ୍ଷୀ ପଦବୀ ନିମନ୍ତେ ନିଜର ଆବଶ୍ୟକ ଯୋଗ୍ୟତା ପ୍ରମାଣ କରିବାରେ ବିଫଳ ହେବେ, ସେମାନଙ୍କୁ ଅଯୋଗ୍ୟ ବିବେଚିତ କରାଯିବ । ଏତଦ୍ ବ୍ୟତିତ ଚୟନ ପ୍ରକ୍ରିୟା ଯେକୌଣସି ପ୍ରକାରରେ "Selection Board" ଯଦି ଅନୁଭବ କରନ୍ତି, କୌଣସି ପ୍ରାର୍ଥୀଙ୍କର ଗୃହରକ୍ଷୀ ପଦବୀ ପାଇଁ ଆବଶ୍ୟକ ଯୋଗ୍ୟତା ନାହିଁ, ତେବେ ସେହି ପ୍ରାର୍ଥୀଙ୍କର ପ୍ରାର୍ଥୀତ୍ଵ ରଦ୍ଦ କରାଯିବ ।
- ଆବେଦନ କାରୀଙ୍କୁ କେଉଁ କାଗଜ ପତ୍ର ଦରଖାସ୍ତ ସହିତ ସଂଲଗ୍ନ କରିବାକୁ ପଡ଼ିବ :

    ୧ .ଆବାସିକ ପ୍ରମାଣ ପତ୍ର ।

    ୨ .ବୟସ ଏବଂ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ।

    ୩ . ୪ ଗୋଟି ପାସ୍‌ପୋଟ୍ ଆକାରର ନିଜର ଫଟୋ । (Pass port size Photo )

    ୪ . ବୈଷୟିକ ଦକ୍ଷତାର ପ୍ରମାଣ ପତ୍ର (ସତନ୍ତ କୌଶଳ ପଦବୀ ନିମନ୍ତେ ) ।

    ୫ . ବାହନ ଚାଳନା ଅନୁମତି ପ୍ରମାଣ ପତ୍ର Driving License ର ନକଲ ( ଯଦି ଥାଏ ) ।

- ହୋମଗାର୍ଡ ର ନିଯୁକ୍ତି ସମ୍ବନ୍ଧରେ ଥିବା ପରବର୍ତ୍ତୀ ସୂଚନା ତା. ୨୪/୧୧/୨୦୨୫ ରିଖ ସୁଦ୍ଧା ସମସ୍ତ ଥାନାରେ ତଥା ସମାଦେଷ୍ଟା ଗୃହରକ୍ଷୀ କାର୍ଯ୍ୟାଳୟ, ରିଜର୍ଭ ଲାଇନ୍ - ୭୫୬୧୦୧ ର ସୂଚନା ଫଳକରେ ପ୍ରକାଶ କରାଯିବ ଏବଂ ଜିଲ୍ଲା ମୁଖ୍ୟ ପୋଲିସ ଅଫିସ ର ସୂଚନା ଫଳକରେ ପ୍ରକାଶ କରାଯିବ । ଏତଦ୍ ବ୍ୟତିତ ସୂଚନାକୁ ଆରକ୍ଷୀ ଅଧିକ୍ଷକଙ୍କ ସାମାଜିକ ଗଣମାଧ୍ୟମ ଆକାଉଣ୍ଟ ରେ ଉପଲବ୍ଧ କରାଯିବ । (ଆବେଦନକାରୀ ମାନଙ୍କୁ ଭଦ୍ରକ ଜିଲ୍ଲା ପୋଲିସର ଅଫିସିଆଲ୍ ସୋସିଆଲ୍ ମିଡ଼ିଆ ସହିତ ଜଡ଼ିତ ରହିବାକୁ ପରାମର୍ଶ) ।

**ବି.ଦ୍ର – ପ୍ରକାଶ ଥାଉକି ମେରାଇନ୍ ଥାନାର ଖାଲିଥିବା ପଦବୀ ପୂରଣ ନିମନ୍ତେ ଉକ୍ତ ଅଞ୍ଚଳର ନୋଳିଆ କିମ୍ବା ସାମୁଦ୍ରିକ ମତ୍ସ୍ୟଜୀବୀ ସମ୍ପ୍ରଦାୟଙ୍କୁ ଅଗ୍ରାଧିକାର ଦିଆଯିବ ।**

ସୁଶାନ୍ତ କୁମାର ସାହୁ
୦୪/୧୧/୨୦୨୫
ସମାଦେଷ୍ଟା
ଗୃହରକ୍ଷୀ ବାହିନୀ, ଭଦ୍ରକ ।

Scanned with OKEN Scanner